**ନୂତନ କୃଷିନୀତି ବିରୋଧରେ କଂଗ୍ରେସର ଧାରଣା**

ଚିତ୍ରକୋଣ୍ଡା, (ଡି.ଏନ.ଏ.)-କେନ୍ଦ୍ରୀୟ କୃଷିନୀତିକୁ ବିରୋଧ କରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ବ୍ଲକ ସଭାପତି ଦେବେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଧାରଣାରେ ସାମିଲ ହୋଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ଲରିମନ ଖରସେଲଙ୍କୁ ପ୍ରଦାନ କରାଯାଇଥିଲା। ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା ସଭାପତି ପାତ୍ର, ମାଥିଲି ବ୍ଲକ ଅଧକ୍ଷ ଲକ୍ଷ୍ମୀପ୍ରିୟା ନାୟକ, ଜିଲା ଏସସିଏସଟି ସେଲ ଅଧକ୍ଷ ପର୍ଶୁରାମ ଭକ୍ତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପିଟି ହତ୍ୟା

କୋରାପୁଟ/ନାରାୟଣପାଟଣା, ୧୧।୧୧(ସ୍ୱ.ପ୍ର.)- କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ଇଚ୍ଛାପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ସାଙ୍ଗୁ ବିଙ୍ଗଡିକାଙ୍କୁ ଗିରଫ କରିଛି। ନାରାୟଣପାଟଣା ଥାନାରେ ନଂ. ୧୧୨/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି ଇଚ୍ଛାପୁର ଗ୍ରାମର ସାଙ୍ଗୁ ମଙ୍ଗଳବାର ବିଳମ୍ବିତ ରାତିରେ ମଦ ପିଇ ଘରକୁ ଫେରିଥିଲେ। ସ୍ତ୍ରୀ ବିରମେ ବିଙ୍ଗଡିକା ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସାଙ୍ଗୁ ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା କରିଥିଲେ।

### ୩୯କେଜି ଗଞ୍ଜେଇ ଜବତ, ୪ ଗିରଫ

କୋରୁକୋଣ୍ଡା ୧୧।୧୧(ଡି.ଏନ.ଏ) ବାଲିମେଳା ଅବକାରୀ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ଦ୍ରୁତ ଗତିରେ ଯାଉଥିବା ୨ଟି ମୋଟରସାଇକେଲ ଉପରେ ସନ୍ଦେହ କରି ଏହାକୁ ପିଛା କରିଥିଲେ। ପାଟଣାଗୁଡାର ମୁକା କବାସି(୩୩), ବାଟପାଲିଗୁଡ଼ାର ସନୁ ଗୋଲରି (୩୦), ଛତିଶଗଡ ଖଡକଘାଟର କରନ ନାଗ(୨୦) ଓ ବିହାର ଆଜମପୁରର ଅର୍ଯ୍ୟନ ଓଝାଙ୍କଠାରୁ କୋଟ ୩୯କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ମାଥିଲି ଓଆଇସି କହିଛନ୍ତି। ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍‌ଙ୍କ ନିର୍ଦ୍ଦେଶରେ ଅବକାରୀ ନିରୀକ୍ଷକ ଗଙ୍ଗାଧର ପାଇକରାୟଙ୍କ ନେତୃତ୍ୱରେ ବାଲିମେଳା ଭାରପ୍ରାପ୍ତ ଅବକାରୀ ଅଧିକାରୀ ଏଚ. ଜାଗା ରାଓ ଏବଂ ମାଥିଲି ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।

### ଦୁର୍ଘଟଣାରେ ୩ ଗୁରୁତର

ମୁନିଗୁଡ଼ା,୧୧।୧୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅଧୀନ ସୁନାଖୁଣ୍ଟି ଗ୍ରାମ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଥେରୁବାଲି ଅଞ୍ଚଳର ମୋହନ ଭୋଇ, ରାଜ ଭୋଇ ଏବଂ ସେବତି ମାଝି। ଘଟଣାରୁ ପ୍ରକାଶ ଯେ, ମୋହନ ଏବଂ ରାଜ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ସମ୍ପର୍କୀୟଙ୍କ ଘରକୁ ବାଇକ୍ ଯୋଗେ ଯାଇଥିଲେ। ସେଠାରୁ ଫେରିବା ସମୟରେ ସମ୍ପର୍କୀୟା ବୃଦ୍ଧା ସବିତାଙ୍କୁ ବାଇକ୍‌ରେ ବସାଇ ଆଣିଥିଲେ। ୩ଜଣ ଫେରିବା ସମୟରେ ଅମ୍ବାଦଳା ନିକଟ ସୁନାଖୁଣ୍ଟି ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ବାଇକ୍ ଆରୋହି ଗୁରୁତର ହୋଇଛନ୍ତି।

### ଜେଏମ୍ଏଫ୍‌ସିଙ୍କୁ ସମ୍ବର୍ଦ୍ଧନା

ରାଇଘର, ୧୧।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର କୋର୍ଟରେ ଜେଏମ୍ଏଫ୍‌ସି ଆଶିଷ କୁମାର ପରିଛାଙ୍କ ବିଦାୟ କାଳୀନ ସଭା କରାଯାଇଛି। ମଙ୍ଗଳବାର ସବ୍ୟସାଚୀ ପଣ୍ଡା ନୂତନ ଜେଏମଏଫସି ଭାବେ ଯୋଗ ଦେଇଛନ୍ତି। ସରକାରୀ ଓକିଲ ପ୍ରଦୀପ ପଟ୍ଟନାୟକ, ରାଇଘର କୋର୍ଟର ସମସ୍ତ ଆଇନଜୀବୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ।

### ଉତ୍କଳ ଆଲୁମିନାର ନୂତନ ୟୁନିଟ ମୁଖ୍ୟ ମଝହରଲା ବେଗ୍

ଟିକିରି,୧୧।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁରସ୍ଥିତ ଉତ୍କଳ ଆଲୁମିନାର ନୂତନ ୟୁନିଟ୍ ମୁଖ୍ୟ ତଥା ସଭାପତିଭାବେ ମଝହରଲ ବାଗ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ଉତ୍କଳ ଆଲୁମିନାର ଯୁଗ୍ମ ସଭାପତି ପଦରେ ରହିଥିଲେ। ସେହିପରି ଏଥିପୂର୍ବରୁ ୟୁନିଟ୍ ମୁଖ୍ୟ ଥିବା ଏନ୍. ନାଗେଶଙ୍କୁ ହିଣ୍ଡାଲ୍‌କୋର ଉତ୍ତର ପ୍ରଦେଶ କମ୍ପାନିକୁ ବଦଳି ହୋଇଥିବା ଜଣାପଡ଼ିଛି। ବେଗ୍‌ଙ୍କ ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ଉତ୍କଳ ଆଲୁମିନାର କର୍ମଚାରୀ, ଠିକାଦାର, ବିଭିନ୍ନ ସଂସ୍ଥା ପକ୍ଷରୁ ସ୍ୱାଗତ କରାଯାଇଛି।

### ୩୫୩ ଛାତ୍ରୀଛାତ୍ରଙ୍କୁ ବୃତ୍ତି

ଚନ୍ଦ୍ରପୁର,୧୧।୧୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ବୁଡ଼ିବାଲି ପଞ୍ଚାୟତ ସଦରସ୍ଥିତ ଗ୍ରାମ ମଙ୍ଗଳ ବିଭାଗ ଆଶ୍ରମ ବିଦ୍ୟାଳୟରେ ବୁଧବାର ୩୫୩ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବୃତ୍ତି ବିଦ୍ୟାଳୟର ୧୪୦ ଛାତ୍ରୀ ଏବଂ ୨୧୩ ଛାତ୍ରଙ୍କୁ ପ୍ରଦାନ କରାଯାଇଛି। କରୋନା କଟକଣା ଯୋଗୁ ସ୍କୁଲ ବନ୍ଦ ରହିଛି। ତେଣୁ ଜୁଲାଇରୁ ଅକ୍ଟୋବର ୪ମାସର ବୃତ୍ତି ବାବଦକୁ ଛାତ୍ରୀମାନଙ୍କୁ ୩ହଜାର ୨ଶହ ଏବଂ ଛାତ୍ରଙ୍କୁ ୩ହଜାର ଟଙ୍କା ଅର୍ଥରାଶି ଦିଆଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର କୌଶଲ୍ୟା ସୂଚନା ଦେଇଛନ୍ତି। ଏହି ସମୟରେ ସ୍କୁଲ ପରିଚାଳନା କମିଟିର ସଭାପତି, ସଭ୍ୟା, ସଭ୍ୟଙ୍କ ସମେତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ଆଲୁମିନା ପ୍ରକଳ୍ପ ଆରମ୍ଭ କର

କୋରାପୁଟ,୧୧।୧୧(ସ୍ୱ.ପ୍ର.)

କୋରାପୁଟ ଓ ରାୟଗଡା ଜିଲାର ସୀମାନ୍ତ ଅଞ୍ଚଳରେ ଥିବା କୋଡିଙ୍ଗାମାଳି ବକ୍ସାଇଟ୍ ଖଣିକୁ ନେଇ କଂସାରିଗୁଡା ଗ୍ରାମ ନିକଟରେ ପ୍ରସ୍ତାବିତ ଆଲୁମିନା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବୁଧବାର ବିସ୍ଥାପିତ ୮ଟି ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ସଭାପତି ପ୍ରଦୀପ କୁମାର ବାଘଙ୍କ ନେତୃତ୍ୱରେ ଶତାଧିକ ବିସ୍ଥାପିତ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଦାବିପତ୍ର ଦେଇଥିଲେ । ଏଥିରେ ଦର୍ଶାଯାଇଛି ଯେ, ଗତ ୧୪ ବର୍ଷ ତଳେ ଏହି ଅଞ୍ଚଳରେ ଆଦିତ୍ୟ ଆଲୁମିନା ପକ୍ଷରୁ ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠା ନେଇ ୮ ଟି ଗ୍ରାମରୁ ଅଧିଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଉକ୍ତ ଅଞ୍ଚଳରେ ପ୍ରକଳ୍ପ ପ୍ରତିଷ୍ଠ ହେଉନାହିଁ। ଜମି ଅଧିଗ୍ରହଣ ହୋଇଥିବାରୁ ଅଞ୍ଚଳବାସୀ ଉକ୍ତ ଜମିରେ କିଛି ଫସଲ ଉତ୍ପାଦନ କରିପାରୁନାହାନ୍ତି । ଫଳରେ ସେମାନଙ୍କ ଦୈନନ୍ଦିନ ଚଳଣି କ୍ରମଶଃ ଦୁର୍ବିଷହ ହୋଇପଡୁଛି। ସରକାରଙ୍କ ପକ୍ଷରୁ ଜମି ହରାଇଥିବା


ଦାବିପତ୍ର ଦେବାକୁ ଆସିଥିବା ବିସ୍ଥାପିତମାନେ।

**୮ ଗ୍ରାମର ବାସିନ୍ଦାଙ୍କ ଦାବି**

ଲୋକଙ୍କୁ ମଧ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କଂସାରିଗୁଡାଠାରେ ପ୍ରସ୍ତାବିତ ଆଲୁମିନା ପ୍ରକଳ୍ପ ଆରମ୍ଭ କରାଯାଉ। ଏହାଦ୍ୱାରା ଉକ୍ତ ଅଞ୍ଚଳର ଲୋକଙ୍କ ଆର୍ଥିକ ଉନ୍ନତି ହୋଇପାରିବ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୋଡିଙ୍ଗାମାଳି ବିସ୍ଥାପିତ ଓ କୋଡିଙ୍ଗାମାଳି ଖଣି ସୁରକ୍ଷା ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଜଣେ ବ୍ୟବସାୟୀଙ୍କ ସହ ୪ ଗିରଫ

ବୋରିଗୁମ୍ମା,୧୧।୧୧(ଡି.ଏନ.ଏ.)

**ଡକାୟତି ମାମଲା**

ଏକ ଡକାୟତି ମାମଲାରେ କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏକ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ହରେକୃଷ୍ଣ ମାଝି କହିଛନ୍ତି। ସେପ୍ଟେମ୍ବର ଓ ଅକ୍ଟୋବରରେ ବୋରିଗୁମ୍ମା, ବିସିଂପୁର ଏବଂ କୋଟପାଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଡକାୟତି ହୋଇଥିଲା। ଡକାୟତମାନେ ବିଭିନ୍ନ ଋଣ ଆଦାୟକାରୀ, ବ୍ୟବସାୟୀ ଏବଂ ମିଲମାଲିକଙ୍କୁ ଟାର୍ଗେଟ କରି ଡ଼କାୟତି କରୁଥିଲେ। ଗତ ମାସରେ ଗୁଜୁନିଗୁଡା କାଜୁ ମିଲ ମାଲିକଙ୍କୁ ରାସ୍ତାରେ ଅଟକାଇ ୨ଲକ୍ଷ ୫୦ ହଜାର ଟଙ୍କା ଏବଂ ସୁନା ଚେନ ଲୁଟି ନେଇଥିଲେ। ସେତେବେଳେ ପୋଲିସ ୭ଜଣ ଡକାୟତଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରିଥିଲା। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବୁଧବାର ପୁଣି ୩ଜଣଙ୍କୁ ଧରିଛି। ସେମାନେ ହେଲେ ଲାଲୁ ହରିଜନ, ଅଜୟ ହରିଜନ, ମୋହନ ବାଘ। ଅନ୍ୟଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି ୩ଜଣଙ୍କ ସହ ବେଦବ୍ୟାସ ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବେଦବ୍ୟାସ ସମ୍ପୃକ୍ତ ଡକାୟତମାନଙ୍କଠାରୁ ଲୁଟ୍ ସୁନାଗହଣା କ୍ରୟ କରିଥିଲେ। ପୂର୍ବରୁ ଏମାନଙ୍କ ନାମରେ ବି.ସିଂପୁର, ବୋରିଗୁମ୍ମା ଓ କୋଟପାଡ଼ ଥାନାରେ ଡକାୟତି ମାମଲା ରହିଛି। ଏମାନଙ୍କ ନିକଟରୁ ପୋଲିସ ୯ ଟି ମୋବାଇଲ, ଗୋଟିଏ ଛୁରି, ୩ଟି ବାଇକ୍, ଗୋଟିଏ ସୁନା ଚେନ ଏବଂ ନଗଦ ୪୦ହଜାର ୩୦୦ ଟଙ୍କା ଜବତ କରିଛି। ସମ୍ପୃକ୍ତ ଡକାୟତମାନଙ୍କୁ ପୋଲିସ କୋର୍ଟଚାଲାଣ କରିଛି ବୋଲି ଏସ୍‌ଡିପିଓ ମାଝୀ କହିଛନ୍ତି।

## ୧୨ ବର୍ଷ ତଳେ ନିଖୋଜ ଝିଅକୁ ଦିଲ୍ଲୀରୁ ଫେରିପାଇଲେ ପରିବାର

ମାଲକାନଗିରି,୧୧।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା କଦମଗୁଡା ଗ୍ରାମର ରଘନାଥ ଭୂମିଆଙ୍କ ଝିଅ ତୁଳସୀ ଭୂମିଆ ଓରଫ ପୂଜା ୧୨ ବର୍ଷ ତଳେ ଅର୍ଥାତ୍ ୨୦୦୮ରୁ ନିଖୋଜ ହୋଇ ଯାଇଥିଲେ। ପରିବାର ବର୍ଗ ଅନେକ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତୁଳସୀ ଗତ ମେ ମାସରେ ସାମାଜିକ ଗଣମାଧମ ଦ୍ୱାରା ତାଙ୍କ ଗ୍ରାମର ଘେନା ଭୂମିଆଙ୍କ ଫୋନ ନମ୍ବର ପାଇ ତାଙ୍କ ସହିତ ଯୋଗାଯୋଗ କରିଥିଲେ। ସେ ଦିଲ୍ଲୀର ଶଙ୍କର ରୋଡ, ପ୍ଲଟ ନଂ. ୧୧୫ ରାଜେନ୍ଦ୍ର ନଗର ବାସିନ୍ଦା ଲାଲ ଭବାନୀ ନାମକ ଜଣେ ହୋଟେଲ ମାଲିକଙ୍କ ଘରେ ରୋଷେୟା ଭାବେ କାମ କରୁଥିବା ଘେନାଙ୍କୁ ଜଣାଇଥିଲେ। ସେ ଘରକୁ ଯିବା ପାଇଁ ଚାହୁଁଥିବା ବେଳେ ହୋଟେଲ ମାଲିକ ତାଙ୍କୁ ସେଠାରୁ ଛାଡୁନାହାନ୍ତି


ଗାଁ ଫେରିଥିବା ତୁଳସୀ ।

**ଜିଲା ପ୍ରଶାସନ କଲା ଉଦ୍ଧାର**

ବୋଲି ଘେନାଙ୍କୁ କହିଥିଲେ। ଏହି ଖବର ପରିବାର ଲୋକେ ଜାଣିବା ପରେ ଝିଅକୁ ଘରକୁ ଫେରାଇ ଆଣିବା ପାଇଁ ବାପା ରଘୁନାଥ ଜିଲା ପ୍ରଶାସନ, ଜିଲା ଶ୍ରମ କାର୍ଯ୍ୟାଳୟ ଓ ମାଥିଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ସହକାରୀ ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, ତୁଳସୀଙ୍କ ଭାଇ ଚକ୍ର ଭୂମିଆ ୪ରେ ତୁଳସୀଙ୍କୁ ଉଦ୍ଧାର କରି ଫେରାଇ ଆଣିବା ପାଇଁ ଦିଲ୍ଲୀ ଯାଇଥିଲେ। ସେଠାରେ ଦିଲ୍ଲୀ ଶ୍ରମ ବିଭାଗ ଏବଂ ଟିଫ୍ ରେସିଡେଣ୍ଟ କମିଶନର ଓଡ଼ିଶା ଭବନ ସହ ଯୋଗାଯୋଗ କରି ତୁଳସୀଙ୍କୁ ସେଠାରୁ ଉଦ୍ଧାର କରି ମଙ୍ଗଳବାର ଗ୍ରାମକୁ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ।

## ରାୟଗଡ଼ାରୁ ପୁଣି ଗଡ଼ିବ ୨ ସ୍ୱତନ୍ତ୍ର ଟ୍ରେନ୍

ରାୟଗଡ଼ା ଅଫିସ,୧୧।୧୧

କରୋନା କଟକଣା ଯୋଗୁ ବନ୍ଦ ରହିଥିବା ୨ ସ୍ୱତନ୍ତ୍ର ଟ୍ରେନ୍ ରାୟଗଡ଼ା ଜିଲାରୁ ପୁଣି ଚଳାଚଳ କରିବ। ବିଶାଖାପାଟଣାରୁ ଏକ ଟ୍ରେନ୍ ପ୍ରତ୍ୟେକ ଦିନ ଅପରାହ୍ନ ୪.୫୦ରେ ବାହାରି ରାତି ୯ଟାରେ ରାୟଗଡ଼ାରେ ପହଞ୍ଚିବ। ପୁଣି ଭୋର୍ ୫.୧୫ରେ ରାୟଗଡ଼ାରୁ ବାହାରି ୯.୨୫ରେ ବିଶାଖାପାଟଣାରେ ପହଞ୍ଚିବ। ସେହିପରି ସମ୍ବଲପୁର-ରାୟଗଡ଼ା ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରରୁ ସକାଳ ୬.୦୫ରେ ଛାଡ଼ିବ ଏବଂ ଅପରାହ୍ନ ୧୨.୪୦ରେ ରାୟଗଡ଼ାରେ ପହଞ୍ଚିବ। ପୁଣି ରାୟଗଡ଼ାରୁ ଅପରାହ୍ନ ୨.୦୫ ରେ ବାହାରି ରାତି ୮.୨୦ରେ ସମ୍ବଲପୁରରେ ପହଞ୍ଚିବ । ଏ ନେଇ ବୁଧବାର ପୂର୍ବତଟ ରେଳବାଇ ପକ୍ଷରୁ ଘୋଷଣା କରାଯାଇଛି। ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍ ଚଳାଚଳ ହେଲେ ରାୟଗଡ଼ା ସମେତ ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଜିଲାର ଲୋକେ ଉପକୃତ ହେବେ। ଦୁଇ ଟ୍ରେନ୍ ୧୫ରୁ ଚଳାଚଳ କରିବ ବୋଲି ଜଣାପଡ଼ିଛି।

## ପୌର କାର୍ଯ୍ୟାଳୟ ଘେରିଲେ ଏସ୍ଏଚ୍‌ଜି ମହିଳା



ଏସ୍ଏଚ୍‌ଜି ମହିଳାମାନେ ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ଜୟପୁର,୧୧।୧୧ (ନି.ପ୍ର.)

ଜୟପୁର ସହରର ୨୮ଟି ୱାର୍ଡରେ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଜୀବନ ଆଉ ଜୀବିକାକୁ ନେଇ ସଂଘର୍ଷ କରୁଥିବା ପରିବାରକୁ ଦୈନିକ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ଘରକୁ ଘର ବାଣ୍ଟିବା ନେଇ ୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୟପୁର ପୌର ପରିଷଦ ଦାୟିତ୍ୱ ଦେଇଥିଲା। ସେମାନେ ଏହି କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ସେମାନଙ୍କୁ ଟଙ୍କା ମିଳିନାହିଁ। ଏହାକୁ ନେଇ ବୁଧବାର ଏସ୍ଏଚ୍‌ଜିର ମହିଳାମାନେ ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମୟରେ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଶୀଘ୍ର ଟଙ୍କା ନ ମିଳିଲେ ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଚେତାବନୀ ଦେଇଥିଲେ। ସେମାନେ ବାରମ୍ବାର କାର୍ଯ୍ୟାଳୟକୁ ଆସିଲେ ଆଜି ଆସ, କାଲିଆସ ଆସ କହି ଫେରାଉଥିବା ଏସ୍ଏଚ୍‌ଜି ମହିଳାମାନେ ଅଭିଯୋଗ କରିଛନ୍ତି।

## ୩ କି.ମି. ଖଟିଆରେ ବୁହାହେଲେ ରୋଗୀ

ଟିକିରି,୧୧।୧୧(ଡି.ଏନ୍.ଏ.)

ଗାଁକୁ ପକ୍କାରାସ୍ତା ନ ଥିବାରୁ ପୁଣି ଖଟିଆରେ ବୁହାହେଲେ ରୋଗୀ। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଆମଜୋର୍ ପଞ୍ଚାୟତର ଡାଲଗୁମ୍ମା ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା।

ସୂଚନା ଅନୁଯାୟୀ, ଡାଲଗୁମ୍ମା ଗ୍ରାମର ରଜାଇ ମାଝିଙ୍କ ପୁଅ ମେଲୁ ମାଝି(୪୦) ସକାଳେ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରୁ ତେନ୍ତୁଳି ସଂଗ୍ରହ କରୁଥିଲେ। ଅସାବଧାନତା ବସତଃ ସେ ଗଛରୁ ତଳେ ପଡ଼ି ଗୁରୁତର ହୋଇଥିଲେ। ଏଥିରେ ତାଙ୍କର ବାମ ହାତ ଭାଙ୍ଗିଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କାଶୀପୁର ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ।


ଗ୍ରାମବାସୀ ଖଟିଆରେ ରୋଗୀଙ୍କୁ ବୋହି ନେଉଛନ୍ତି ।

**ଗାଁକୁ ନାହିଁ ପକ୍କା ରାସ୍ତା**

ଆମ୍ବୁଲାନ୍ସ ମଧ ଗାଁ ଅଭିମୁଖେ ବାହାରିଥିଲା। କିନ୍ତୁ ଡାଲଗୁମ୍ମା ଗାଁକୁ ପକ୍କାରାସ୍ତା ନ ଥିବା ଯୋଗୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରି ନ ପାରି ୩ କି.ମି. ଦୂର ଗାଁ ବାହାରେ ଅଟକିଥିଲା। ଆମ୍ବୁଲାନ୍ସ କର୍ମଚାରୀ ଗାଁକୁ ଯାଇ ଗୁରୁତର ମେରୁଙ୍କୁ ଖଟିଆରେ ବୋହି ପାହାଡ଼, ନାଳ ଅତିକ୍ରମ କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେଠାରୁ ତାଙ୍କୁ କାଶୀପୁର ନିଆଯାଇଥିଲା। ପକ୍କାରାସ୍ତା ନ ଥିବା ଯୋଗୁ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଦେଖିବାକୁ ମିଳୁଛି।

## ସବୁ ବିଭାଗର କାର୍ଯ୍ୟ ତଦାରଖ କଲେ ଅତିରିକ୍ତ ଜିଲାପାଳ

କୋରାପୁଟ,୧୧।୧୧(ସ୍ୱ.ପ୍ର.)

କୋରାପୁଟ କଲେକ୍ଟୋରେଟ ଅଧୀନରେ ଥିବା ସମସ୍ତ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର ପି. ଟୋଲି ଆମ୍ମା, ସାଗରିକା ଷଡଙ୍ଗୀ, ଅର୍ଚ୍ଚନା ଦାସ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ସହକାରୀ ଜିଲାପାଳ ନବଘନ ଚୌଧୁରୀ, ଜ୍ଞାନଜିତ ତ୍ରିପାଠୀ, ଡ. ଏ.କେ କର୍ଣ୍ଣଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦେଇଥିଲେ। ସେହିପରି ବୈଠକରେ ଅତିରିକ୍ତ ଜିଲାପାଳ ସମସ୍ତ ବିଭାଗର ଲଗ୍‌ବୁକ୍, କାଗଜପତ୍ର ତଦାରଖ କରିଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ।

## ଫ୍ରାନ୍ସ ରାଷ୍ଟ୍ରପତିଙ୍କ ପଦକ୍ଷେପକୁ ରାଷ୍ଟ୍ରୀୟ ସୁରକ୍ଷା ମଞ୍ଚର ସମର୍ଥନ

ଜୟପୁର, ୧୧।୧୧(ଡି.ଏନ.ଏ)

**ଶୋଭାଯାତ୍ରା କରି ରାଷ୍ଟ୍ରପତିଙ୍କୁ ଦେଲେ ସ୍ମାରକପତ୍ର**

ଫ୍ରାନ୍ସ ରାଷ୍ଟ୍ରପତି ଇସ୍‌ଲାମିକ କଠୋରପନ୍ଥୀ ଆତଙ୍କବାଦୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯେଉଁ ଆହ୍ୱାନ ଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି ତାହାକୁ ରାଷ୍ଟ୍ରୀୟ ସୁରକ୍ଷା ମଞ୍ଚ କୋରାପୁଟ ଜିଲା ଜୟପୁର ଶାଖା ପକ୍ଷରୁ ସମର୍ଥନ କରାଯାଇଛି। ଏନେଇ ବୁଧବାର ଏକ ଶୋଭାଯାତ୍ରା ସ୍ଥାନୀୟ ରଥପଡିଆ ଛକ ଠାରୁ ବସଷ୍ଟାଣ୍ଡ ଟ୍ରାଫିକ ଛକ ପର୍ଯ୍ୟନ୍ତ ହୋଇଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଏଥିରେ ଫ୍ରାନ୍ସ ଏକ ଗଣତନ୍ତ୍ର ଦେଶ ଭାବେ ବିଭିନ୍ନ ଜାତିଧର୍ମର ଶରଣାର୍ଥୀଙ୍କୁ ନିଜ ଦେଶରେ ରଖିବା ସହିତ ସେମାନଙ୍କୁ ଉଚିତ ସମ୍ମାନ ଦେଇଥାଆନ୍ତି । ମାତ୍ର କେତେକ ଇସ୍‌ଲାମିକ ଆତଙ୍କବାଦୀ ଶରଣାର୍ଥୀ ଭାବେ ରହୁଛନ୍ତି । ଉକ୍ତ ଦେଶର ଧାର୍ମିକ ପୀଠ ଉପରେ ମରଣାନ୍ତକ ଆକ୍ରମଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ନିଜ ଦେଶର ନାଗରିକ ଏବଂ ବିଶ୍ୱବାସୀଙ୍କ ସୁରକ୍ଷାକୁ ନେଇ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆତଙ୍କବାଦୀଙ୍କ ବିରୋଧରେ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ଏହାକୁ ସମର୍ଥନ କରାଯାଉଛି । ଆମ ଦେଶରେ ଏହିପରି ଧର୍ମ ନାମରେ ଆତଙ୍କବାଦ ସୃଷ୍ଟି କରୁଥିବା କୋଠରପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଶୋଭାଯାତ୍ରାରେ ରାଜେଶ ତ୍ରିପାଠୀ, ଦେବେନ୍ଦ୍ର ବାହିନୀପତି, ବିଷ୍ଣୁପ୍ରସାଦ ସାହୁ, ଅମରଲାଲ ଆହୁଜା, ଲଳିତ ଅଗ୍ରୱାଲ, ଶରତ ସାହୁ, ସୁଧାଂଶୁ ଶେଖର ଜେନା ଏବଂ ପତଞ୍ଜଳି ମହିଳା ଶାଖାର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଚନ୍ଦାହାଣ୍ଡିରେ ଖୋଲିବ ଷ୍ଟେଟ୍ ବ୍ୟାଙ୍କ ଶାଖା

ଚନ୍ଦାହାଣ୍ଡି,୧୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ଷ୍ଟେଟ ବ୍ୟାଙ୍କର ଏକ ଶାଖା ଖୋଲିବ । ବୁଧବାର ମୁଖ୍ୟ ପରିଚାଳକ ଗୌରାଙ୍ଗ ଚନ୍ଦ୍ର ଧଳ ଏବଂ ନବରଙ୍ଗପୁର ଲିଡ୍ ବ୍ୟାଙ୍କ ଜିଲା ପରିଚାଳକ ସୁକୁମାର ବକ୍ସି ଚନ୍ଦାହାଣ୍ଡି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଦୁହେଁ ଚନ୍ଦାହାଣ୍ଡି ବ୍ଲକ୍ ଅଧକ୍ଷଙ୍କ ପ୍ରକୋଷ୍ଠରେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀଙ୍କ ସହିତ ଆଲୋଚନା କରିଥିଲେ। ଚନ୍ଦାହାଣ୍ଡି ବ୍ଲକ୍‌ରେ ଦୀର୍ଘ ଦିନ ହେଲା ଏକ ଷ୍ଟେଟ ବ୍ୟାଙ୍କ ଶାଖା ଖୋଲିବା ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିଲା। ଏଥିପାଇଁ ଏମ୍‌ପି ମାଝି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ସାକ୍ଷାତ କରି ଜିଲାର ୩ ବ୍ଲକ୍‌ରେ ଶାଖା ଖୋଲିବା ପାଇଁ ଅନୁରୋଧ କରିଥିଲେ। ସେହିପରି ବିଧାୟକ ରାଜ୍ୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଙ୍କୁ ଚିଠି ଲେଖିଥିଲେ। ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ମଧ ପୂର୍ବରୁ ଚିଠି ଲେଖିଥିଲେ।

## ଠେଙ୍ଗଡ଼ୀଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପିତ

କୋରାପୁଟ,୧୧।୧୧(ସ୍ୱ.ପ୍ର)

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଗତ ଏକ ବର୍ଷ ଧରି ଚାଲିଥିବା ମଞ୍ଚର ପ୍ରତିଷ୍ଠାତା ଦତୋପନ୍ତ ଠେଙ୍ଗଡ଼ୀଙ୍କ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇ ଯାଇଛି। ଏହି ଅବସରରେ କୋରାପୁଟ ସହରର ସଫଳ ଲଘୁ ଉଦ୍ୟୋଗୀ ରାମ ପ୍ରସାଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଅତିଥି ଭବନ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ଜିଲା ପ୍ରଚାରକ ସ୍ୱପ୍ନେଶ୍ୱର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଞ୍ଚର ରାଷ୍ଟ୍ରୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଭର୍ଚୁଆଲ ଭିଡିଓ ମାଧ୍ୟମରେ ଯୋଗଦେଇ ଦତୋପନ୍ତ ଠେଙ୍ଗଡୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ମଞ୍ଚର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମନୋରଞ୍ଜନ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଆମେ ବିଦେଶୀର ବିରୋଧୀ ନୋହୁଁ ବରଂ ଆଜିର ଆବଶ୍ୟକତା ଅଛି, ଆମ ଦେଶର ବିଗିଡି ଯାଉଥିବା ଅର୍ଥନୀତିକୁ ସୁଧାରିବାକୁ ହେଲେ ସ୍ୱଦେଶୀ ହିଁ ଏକମାତ୍ର ବିକଳ୍ପ। ଦେଶର କୁଟୀର ଶିଳ୍ପଗୁଡିକୁ ବିକଶିତ କଲେ ହିଁ ଦେଶରେ ନୂଆ ରୋଜଗାର ସୃଷ୍ଟି କରିବାକୁ ହେବ। ଏହାଦ୍ୱାରା ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରିବ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଇଂ.ଭେଙ୍କଟେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଜିଲା ସଂଯୋଜକ ମୁରଲୀଧର ଅଧିକାରୀ, ସହ ସଂଯୋଜକ ରବି ନାରାୟଣ ମିଶ୍ର, ନଗର ସଂଯୋଜକ ଉମାଶଙ୍କର ଦାଶ, ମୃତ୍ୟୁଞ୍ଜୟ ଶତପଥୀ, ମନ୍ମଥ ପାଢୀ, ସୁରେନ୍ଦ୍ର ମହ୍ନି, ଏମ୍. ସୁରେଶ କୁମାର, କେଶବ ପଟ୍ଟନାୟକ, ସୌମେନ୍ଦ୍ର ସ୍ୱାଇଁ, ଅୟାଂଶ ଅଭିନେଶଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତୀକାତ୍ମକ ଧାରଣାରେ ବିଧାୟକ

ଉମରକୋଟ,୧୧।୧୧

ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିରହିଥିବା ସମସ୍ୟାର ସମାଧାନ ଦାବିନେଇ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବୁଧବାରଠାରୁ ପ୍ରତୀକାତ୍ମକ ଧାରଣାରେ ବସିଛନ୍ତି। ୭ଦଫା ଦାବିନେଇ ବୁଧବାଠାରୁ ବିଧାୟକ ପ୍ରତୀକାତ୍ମକ ଧାରଣାରେ ବସିଥିବା ଜଣାପଡ଼ିଛି।

ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଡାକ୍ତର ରହିଥିବାବେଳେ ୩ଜଣ ଛୁଟିରେ ରହିଛନ୍ତି। ସେହିପରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଭଣ୍ଡାରର ଆବଶ୍ୟକତା ନେଇ ଅନେକ ଥର ଦାବିପତ୍ର ଦିଆଯିବା ସହ ଆଲୋଚନା କରାଯାଇଥିଲେ ମଧ ସୁଫଳ ମଳୁନି। ଏହାର ପ୍ରତିବାଦରେ ଉମରକୋଟ ବିଧାୟକ, ଲୋଇସିଂହା ବିଧାୟକ(ନବରଙ୍ଗପୁର ଜିଲା ପ୍ରଭାରୀ)


ବିଧାୟକ ଓ ଦଳୀୟ କର୍ମୀମାନେ ଧାରଣାରେ ବସିଛନ୍ତି ।

ଡାକ୍ତର ମୁକେଶ ମୋହାଲିଙ୍ଗାଙ୍କ ସମେତ ଅନେକ ଭାଜପା କର୍ମୀ ଧାରଣାରେ ବସିଛନ୍ତି। ଉମରକୋଟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ନେଇ ଅନେକ ସମସ୍ୟା ରହିଛି। ସେଗୁଡ଼ିକ ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସି ପ୍ରତିବାଦ କରିବୁ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ବିଧାୟକଙ୍କ ଧାରଣାରେ ବସିବା ଖବର

**ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟାର ସମାଧାନ ଦାବି**

ପାଇ ସିଡିଏମ୍‌ଓ ଡା. ଶୋଭାରାଣୀ ମିଶ୍ର ଓ ଉମରକୋଟର ଡାକ୍ତରଙ୍କ ସମେତ ଏକ ଟିମ୍ ଧାରଣାସ୍ଥଳରେ ପହଞ୍ଚି ବିଧାୟକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଦାବି ପୂରଣ ନ ହେବା ଯାଏ ଧାରଣା ହଟିବନି ବୋଲି କହିଛନ୍ତି। ଧାରଣାରେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ନବରଙ୍ଗପୁର ଜିଲା ସଭାପତି ଜଗଦିଶ ବିଷୋୟୀ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରମେଶ ସାହୁ, ଉମରକୋଟ ମଣ୍ଡଳ ସଭାପତି ସୁରେଶ କୁମାର ଆଚାର୍ଯ୍ୟ, ଗୌରୀ ଶଙ୍କର ମାଝି ପ୍ରମୁଖ ସାମିଲ ଅଛନ୍ତି।

